# ଏଫ୍‌ଏକ୍ୟୁ ମାନର ଧାନ କିଣାକୁ ନେଇ ଚିନ୍ତାରେ ଚାଷୀ, ମିଲର

ରାୟଗଡ଼ା,୨୬।୧୨(ଆଶିଷ ରଞ୍ଜନ ପଣ୍ଡା)


ରାସ୍ତାରେ ଓଦା ଧାନ ଶୁଖାଯାଇଛି।

ରାୟଗଡ଼ା ଜିଲାରେ ଧାନମଣ୍ଡି ଆରମ୍ଭ ହୋଇ ୧୦ ଦିନ ବିତିଯାଇଥିଲେ ମଧ୍ୟ ସରକାର ଓ ମିଲରଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଯୋଗୁ ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ । ଅନ୍ୟପଟେ ଦାଉ ସାଧୁଛି ଅଦିନିଆ ବର୍ଷା । ଗତ ୨ ଦିନ ହେଲା ବର୍ଷା ଯୋଗୁ ବର୍ଷକର ଉତ୍ପାଦିତ ଫସଲ ପାଣିରେ ଓଦା ହୋଇ ନଷ୍ଟହେବାକୁ ବସିଲାଣି। ସେପଟେ ଖଳାରେ ପାଣି ଜମି ରହିଥିବାରୁ ଚାଷୀ ବାଧ୍ୟ ହୋଇ ଓଦା ଧାନକୁ ରାସ୍ତା ଉପରେ ପକାଇ ଶୁଖାଇବାକୁ ଚେଷ୍ଟା କରୁଛନ୍ତି। ଜିଲାରେ ଧାନ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ଚିନ୍ତାରେ ଚାଷୀ ଓ ମିଲର। ଚାଷୀ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବାକୁ ସରକାର ପକ୍ଷରୁ କୁହାଯାଇଛି। ତେବେ ଜିଲାର ସମସ୍ତ ଚାଷୀ କ'ଣ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ କି ବୋଲି ମିଲର୍ସମାନେ ପ୍ରଶ୍ନ କରୁଛନ୍ତି। ସେପଟେ ଚାଷୀ ଏଫ୍‌ଏକ୍ୟୁ ମାନର ଧାନ ଦେଲେ ସେହି ଧାନ ମିଲିଂକରି ଚାଉଳ ଦେବେ ବୋଲି କହି ୨୦ଜଣ ବଡ ମିଲର ଚୁକ୍ତି କରିନାହାନ୍ତି। ଯେଉଁ ମିଲର ଚୁକ୍ତି କରିଛନ୍ତି ସେମାନେ ମଧ୍ୟ ବର୍ତ୍ତମାନ ସନ୍ଦେହ ଭିତରେ ଅଛନ୍ତି। ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ନ ଆସିଲେ ସେମାନେ କିଭଳି ଚାଉଳ ପ୍ରଦାନ କରିବେ।

ଜିଲାରେ ଚଳିତବର୍ଷ ୯ ଲକ୍ଷ ୪୩ ହଜାର ୭୦୧କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ସମଗ୍ର ଜିଲାରେ ୧୩ଟି ଲ୍ୟାମ୍ପ୍ସ ଓ ଗୋଟିଏ ଏମ୍‌ପିସିଏସ୍ ଧାନ ସଂଗ୍ରହ ପାଇଁ ସରକାରଙ୍କ ଅନୁମତି ପାଇଛନ୍ତି। ୪୩ଟି ମଣ୍ଡିରେ ଏହି ଧାନ କିଣିବା ନିମନ୍ତେ ନିଷ୍ପତ୍ତି ହୋଇଛି। କିନ୍ତୁ ବିଡମ୍ବନାର ବିଷୟ ମାତ୍ର ୯ଟି ମଣ୍ଡିରେ ହିଁ ଗତ ୧୦ ଦିନ ମଧ୍ୟରେ ଧାନ କିଣା ହୋଇଛି। ୨୦ ହଜାର ୫୦୪ ଜଣ ଚାଷୀ ଧାନ ବିକ୍ରି ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ମାତ୍ର ୧୦୯ ଜଣ ଚାଷୀଙ୍କଠାରୁ ଆଜି ସୁଦ୍ଧା ମାତ୍ର ୬ ହଜାର ୪୦୨ କେଜି ଧାନ କିଣାଯାଇଛି। ତେବେ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ମିଲର ସହଯୋଗ କରୁ ନ ଥିବା ଅଭିଯୋଗ ହେଉଛି। ମିଲରମାନେ ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କୁ ପୂର୍ବରୁ ଅବଗତ କରାଇଥିଲେ ମଧ୍ୟ ସରକାର

### ବର୍ଷାରେ ଓଦା ଧାନ ରାସ୍ତାରେ ଶୁଖୁଛି

କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସେମାନେ ଧାନ କିଣାରେ ଅସହଯୋଗ ଜାରି ରଖିଥିବା କହିଛନ୍ତି। ଯୋଗାଣ ବିଭାଗ ମଧ୍ୟ ଡିସେମ୍ବର ପ୍ରଥମ ସପ୍ତାହରେ ଯେଉଁଭଳି ପଦକ୍ଷେପ ଗ୍ରହଣ କରିବା କଥା ତାହା କରିଲା ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ତେବେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ସରକାରଙ୍କ ଧାନ ସଂଗ୍ରହ ନୀତିକୁ ନିନ୍ଦା କରିଛନ୍ତି। ଏଫ୍‌ଏକ୍ୟୁ ମାନର ଧାନ ଉତ୍ପାଦନ ଭଳି ବିହନ କୃଷି ବିଭାଗ ପ୍ରଦାନ କରିଥିଲା କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ସ୍ପଷ୍ଟୀକରଣ ଦେବାକୁ ସେ ଦାବି କରିଛନ୍ତି। ଏହିସବୁ ଦ୍ୱନ୍ଦ୍ୱ ଭିତରେ ଧାନ ସଂଗ୍ରହ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନଙ୍କୁ ପଚାରିବାରୁ ବର୍ଷା କାରଣରୁ ଧାନ ସଂଗ୍ରହ ବିଳମ୍ବ ହୋଇଥିଲା। ଏବେ ମିଲରମାନେ ସମସ୍ତ ଧାନ ଗ୍ରହଣ କରିବେ ଓ ଚାଷୀ ମଧ୍ୟ ନିଜର ଧାନ ବିକ୍ରି କରିବେ ବୋଲି କହିଛନ୍ତି।

# ୨୦ ପରେ ମଇଦାନକୁ ଓହ୍ଲାଇବ ବିଜେଡି


ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ନେତା ଓ କର୍ମୀ।

ରାୟଗଡ଼ା, ୨୬।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ବିଜେଡି ପକ୍ଷରୁ ଦଳର ୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି । ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଜିଲା ବିଜେଡି ସଭାପତି ଏନ୍.ଭାସ୍କର ରାଓଙ୍କ ନେତୃତ୍ୱରେ ପ୍ରଥମେ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବିଜେଡି ଜିଲା ସଭାପତି ରାଓଙ୍କ ନେତୃତ୍ୱରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ଗଠନ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ବର୍ଷର ସୁଶାସନର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ବିଜେଡି ସରକାରଙ୍କ ଅମଳରେ ରାଜ୍ୟର ବହୁ ବିକାଶ ହୋଇପାରିଛି; ଯାହାର ଶ୍ରେୟ ଦଳର ନେତା ନବୀନ ପଟ୍ଟନାୟକ ଓ କର୍ମକର୍ତ୍ତାଙ୍କୁ ଦେଇଛନ୍ତି । ଏଥିସହ ୨୦୨୫ ଜାନଆରୀ ୨୦ ତାରିଖ ପରେ ବିଜେଡି ନେତା ଓ କର୍ମୀମାନେ ପଞ୍ଚାୟତସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝିବା ପରେ ସେମାନଙ୍କ ସମସ୍ୟା ସମାଧାନ

### ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ

କରାଯିବ ବୋଲି କହିଛନ୍ତି ଭାସ୍କର ରାଓ । କାର୍ଯ୍ୟକ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ବ୍ଲକ ଅଧ୍ୟକ୍ଷା ଗୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲା ବିଜେଡି ଉପସଭାପତି ବିନାୟକ କର, ଚନ୍ଦ୍ରକାନ୍ତ ସାମଲ, ବି.ତିରୁପତି, ବିଜୁ ଯୁବ ଜନତା ଦଳର ସଭାପତି ଅବିନାଶ ବିଶୋଇ, ଜିଲା ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ସୁଜାତା ପାଳ, ପପୁ ପ୍ରବୀଣ କୁମାର, କାଉନସିଲର ସନ୍ତୋଷ ଦଳାଇ, ସୁକାନ୍ତ ପରିଡା, ଗୋପୀନାଥ ଗୌଡ ଓ ଶତାଧିକ କର୍ମୀ ଯୋଗଦେଇଥିଲେ। ରାୟଗଡା ସହର ଓ ବ୍ଲକ ସମେତ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ବିଜେଡି ନେତା ଓ କର୍ମୀମାନେ ସଂଗଠିତ ହୋଇ ପଦକ୍ଷେପ ନେବେ ବୋଲି ଭାସ୍କର କହିଛନ୍ତି ।

# ରାମନାଗୁଡ଼ାରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ

ରାମନାଗୁଡ଼ା, ୨୬।୧୨ (ସଞ୍ଜୟ ପ୍ରଧାନ)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ୍ ବିଜେଡି ପକ୍ଷରୁ ସୁଲୁତି ଗ୍ରାମଠାରେ ଗୁରୁବାର ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ରାମନାଗୁଡା ବ୍ଲକ୍ ବିଜେଡି ସଭାପତି ବିଜୟ ମାଣ୍ଡାଙ୍ଗି, ଯୁବ ସଭାପତି ସଞ୍ଜୟ କୁମାର ପ୍ରଧାନ, ଜିଲା ଯୁବ ସାଧାରଣ ସମ୍ପାଦକ କମଳ ଲୋଚନ ମୁଟାକା, ପାରାଖିଡି ପଞ୍ଚାୟତର ଯୁବ ସରପଞ୍ଚ ସୂର୍ଯ୍ୟରାଓ କୁମ୍ବିରିକା, ଜିଲା ଯୁବ ସମ୍ପାଦକ ପ୍ରସାନ୍ତ ଗୌଡ, ପୂର୍ବତନ ଏସ୍‌ଡିସି ସଭ୍ୟ ରାମାରାଓ ପାଲକା,କୈଳାସ ମାଣ୍ଡାଙ୍ଗି, ମାଣ୍ଡାଙ୍ଗି ରବି କୁମାର, ସୁନୀଲ ମାଣ୍ଡାଙ୍ଗି, ସୁନୀଲ କାର୍ଜୀଙ୍କ ସହ ସୁଲୁତି ଗ୍ରାମର ସମସ୍ତ ଯୁବକ ଉପସ୍ଥିତ ଥିଲେ। କମଳ ଲୋଚନ ମୁଟାକା ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ନିଜର ଅଭିଭାଷଣ ରଖିଥିଲେ। ରାମନାଗୁଡା ବ୍ଲକର ବିଜେଡି ସଭାପତି ଓ ବ୍ଲକ ଯୁବ ସଭାପତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଚଇତି କାର୍ଯ୍ୟକ୍ରମରେ ଭାଜପା ଦଳୀୟ ପତାକାକୁ ବିଜେଡି, କଂଗ୍ରେସର ବିରୋଧ



ବିଜେଡି କର୍ମକର୍ତ୍ତା ଜିଲା ସଂସ୍କୃତି ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା,୨୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି' ଗୁରୁବାରଠାରୁ ଆରମ୍ଭ ହୋଇଛି। ଚଇତି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବାବେଳେ ବର୍ଷା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସ୍ଥଗିତ ହୋଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସହର ସାରା ଭାଜପାର ଦଳୀୟ ପତାକା ଲଗାଯାଇଛି। ଏହାକୁ ଦୃଢ଼ ବିରୋଧ କରିଛି ବିଜେଡି ଏବଂ କଂଗ୍ରେସ ଯୁବଗୋଷ୍ଠୀ। ଏ ନେଇ ବିଜେଡିର ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଓ ଅନ୍ୟ କର୍ମୀମାନେ ବିରୋଧକରି ଚଇତି ଏକ ଲୋକଙ୍କ ପର୍ବ ଏବଂ ଏହାକୁ କୌଣସି ଦଳୀୟ ପର୍ବ କରା ନ ଯାଉ ବୋଲି ଦାବି କରିଛନ୍ତି । ଏ ନେଇ ସେମାନେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଜିଲା ସଂସ୍କୃତି ଅଧିକାରୀଙ୍କୁ ବ୍ୟକ୍ତିଗତ ଅବଗତ କରାଇଛନ୍ତି । ଏହା ବ୍ୟତୀତ ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ସରପଞ୍ଚ ତଥା ଯୁବନେତା ଅଶୋକ ପୁଆଲା ଓ ଅନ୍ୟମାନେ ଚଇତି କାର୍ଯ୍ୟକ୍ରମରେ ଭାଜପାର ଦଳୀୟ ପତାକା ବ୍ୟବହାରକୁ ବିରୋଧ କରିଛନ୍ତି । ଏହି ବିରୋଧ କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ହର ହେପୃକା, କାଉନସିଲର ଶ୍ରମିତା ପାଢ଼ୀ, ମୋଇନା ଆଚାର୍ଯ୍ୟ, କାଉନସିଲର ସନ୍ତୋଷ ଦଳାଇଙ୍କ ସମେତ ଅନ୍ୟ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

# ବୀର ବାଲ୍ ଦିବସ ଉଦ୍‌ଯାପିତ



ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଗୁଣପୁର,୨୬।୧୨(ପ୍ରଦୀପ ନାୟକ ପାଢ଼ୀ)

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଗୁଣପୁର ଶିଶୁ ଯତ୍ନ ଅନୁଷ୍ଠାନ 'ସେବା ସମାଜ'ରେ ଗତ ୧୬ରୁ ଆରମ୍ଭ ହୋଇଥିବା ବୀର ବାଲ୍ ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ବୀର ବାଲ୍ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିପାଇଁ ସମସ୍ତ ଅନ୍ତେବାସୀଙ୍କ ମଧ୍ୟରେ ବକ୍ତୃତା, ରଚନା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା କନିଷ୍ଠ ବିଭାଗ ୬ ରୁ ୧୦ ବର୍ଷ ଏବଂ ବରିଷ୍ଠ ବିଭାଗ ୧୧ ରୁ ୧୮ ବର୍ଷ ବୟସ ମଧ୍ୟରେ ଆୟୋଜିତ ହୋଇଥିଲା। ଚନ୍ଦୁ ଭତ୍ରା, ଦଶମନ୍ତୀ ଗମାଙ୍ଗ, ଯଶୋଦା ଶବର, ବିଦୁସ୍ମିତା ଶବର, ପିଙ୍କି ମଣ୍ଡାଙ୍ଗି, ନନ୍ଦିନୀ ଶବର ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ଶେଷ ଦିନରେ ସେବା ସମାଜର ସଭାପତି ମାୟା ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜେଶ୍ୱରୀ ଦଳେଇ ପରିଚାଳନା କରିଥିଲେ। ସେବା ସମାଜର କର୍ମୀ ମୋନାଲି ପଟ୍ଟନାୟକ, ପ୍ରଭାସିନୀ ଶବର, ଇନ୍ଦୁ ଶବର, ରମେଶ ଶବର, ପ୍ରମିଳା ଶବର ଓ ସୂର୍ଯ୍ୟନାରାୟଣ ବେହେରା ଯୋଗଦେଇଥିଲେ । ଶେଷରେ ଅନ୍ତେବାସୀ ବିଦୁସ୍ମିତା ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିର ପ୍ରତିଷ୍ଠା ଦିବସ


ନୂତନ ବସ୍‌ଷ୍ଟାଣ୍ଡଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ନେତା ଓ କର୍ମୀ।

ଗୁଣପୁର, ୨୬।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଜୁ ଜନତା ଦଳ ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ନୂତନ ବସ୍‌ଷ୍ଟାଣ୍ଡଠାରେ ବିଜେଡି ନେତା, କର୍ମୀ ଏକତ୍ରିତ ହୋଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, କାଉନସିଲର ଦେବୀ ପ୍ରସାଦ ଆଚାର୍ଯ୍ୟ, ଶିବ ପାଢ଼ୀ, ଭାଗୀରଥି ବିଶୋଇ, ମୁନା ପାଣି, ଅଶ୍ୱିନୀ ଗମାଙ୍ଗ, ରାମ ପଣ୍ଡା, ବିଷ୍ଣୁ ପଣ୍ଡା, ଜଗଦୀଶ ନାୟକ, କିରଣ କୁମାର, ଗୌତମ ବିଶୋଇ, ଏସ ବାବା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ପୋଷଣ ଯୋଜନା ତାଲିମ ଶିବିର


ତାଲିମପ୍ରାପ୍ତ ପାଚିକା ଓ ସହାୟିକା।

ଟିକିରି, ୨୬।୧୨
( ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ସଦର ମହକୁମା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଗୁରୁବାର ୩ଟି କ୍ଲଷ୍ଟରର ପାଚିକାଙ୍କୁ ନେଇ ପିଏମ୍ ପୋଷଣ ଯୋଜନାର ଦ୍ୱିତୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପ୍ତିମୟୀ ସିଂ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ମାଝୀଙ୍କ ଉପସ୍ଥିତିରେ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଗୋଡିବାଲି, ଶୁଙ୍ଗେର ଓ ତଳଝିରି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଶତାଧିକ ପାଚିକା ଉପସ୍ଥିତ ଥିଲେ। ବିଦ୍ୟାଳୟରେ ପାଚିକାଙ୍କ ଗୁରୁଦାୟିତ୍ୱ ଓ ତାଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏଥିସହ ବିଦ୍ୟାଳୟ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନତା କରିବା ସହ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ମଧ୍ୟାହ୍ନଭୋଜନ ପ୍ରସ୍ତୁତ ପାଇଁ ସର୍ବଦା ସଜାଗ ରହି ପରିଚାଳନା କରିବାକୁ ତାଲିମ ଦିଆଯାଇଥିଲା। ତାଲିମପ୍ରାପ୍ତ ଶତାଧିକ ପାଚିକା ଓ ସହାୟିକାଙ୍କୁ ଆପ୍ରନ, ଟୋପି ସମେତ ମାନପତ୍ର ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ତାଲିମ କାର୍ଯ୍ୟକ୍ରମ ଆସନ୍ତା ୩୧ ପର୍ଯ୍ୟନ୍ତ କ୍ରମାଗତ ଭାବେ ଚାଲୁ ରହିବ ବୋଲି ବିଭାଗୀୟ ପରିଚାଳକ ଚିନ୍ତାମଣି ନାଏକ ସୂଚନା ଦେଇଥିଲେ।

# ଗଛ ପଡ଼ି ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର

ମୋହନା,୨୬।୧୨( ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ ରାଇପଙ୍କା ପଞ୍ଚାୟତ ନିକଟସ୍ଥ ମାନ୍ଦୁବାଜୁ ଗ୍ରାମରେ ଲଗାଣ ବର୍ଷାରେ ଆମ୍ବ ଗଛପଡ଼ି ଘର ଭାଙ୍ଗି ଯାଇଛି। ଫଳରେ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାଯୋଗ୍ୟ ବୁଧବାର ବିଳମ୍ବିତ ରାତିରେ ଆମ୍ବ ଗଛପଡ଼ି ଯାଇଥିଲା ଯଶବନ୍ତ ମାଝୀଙ୍କ ଘର ପାର୍ଶ୍ୱରେ। ଯାହାକୁ ନେଇ ରାତି ସାରା ଭୟଭୀତ ଅବସ୍ଥାରେ ରହିଥିଲେ ପରିବାର ଲୋକେ। ଗୁରୁବାର ସକାଳେ ଯଶବନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆମ୍ବଗଛକୁ କଟର ମେସିନ ସାହାର୍ଯ୍ୟରେ କାଟିଥିଲେ। ଗଛ ପଡ଼ି ଯିବାରୁ ଗୋଟିଏ ବଖରା ଘର ଭାଙ୍ଗି ଯାଇଛି। ଏନେଇ ସରକାରଙ୍କୁ ପକ୍କା ଘର ସହ କିଛି ଆର୍ଥିକ ସାହାର୍ଯ୍ୟ କରିବାପାଇଁ ଯଶବନ୍ତ ନିବେଦନ କରିଛନ୍ତି।

# ରାସ୍ତା ଅବରୋଧ କରୁଛି ପଥର

ଚକାପାଦ,୨୬।୧୨(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଲାଇନପଡା ଠାରୁ ପସରାକୁ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବାତ୍ୟା ଦାନା ସମୟରେ ଗୋଟିଏ ବଡ଼ ପଥର ରାସ୍ତାକୁ ଅଧା ମାଡ଼ି ବସିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ଗୁଡ଼ିକ କଟା ନହେବାରୁ ଉଭୟ ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ଘାଟି ପାଖରେ ଅଟକି ରହି ହଇରାଣ ହେଉଛନ୍ତି। ଗାଡ଼ି ଗୁଡ଼ିକ ଯିବା ଆସିବା କରିବା ଦ୍ୱାରା ଗୋଟିଏ ପାର୍ଶ୍ୱ ଖାଲ ହୋଇଗଲାଣି। ଏହି ଖବର ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଫଳ ଶୂନ। ଯଥାଶୀଘ୍ର ଏହି ରାସ୍ତା ମରାମତି ନ କରରଗଲେ କେତେବେଳେ କିଛି ଅଘଟଣ ଘଟିବ କହିହେବ ନାହିଁ।

# ଚଇତି ଉତ୍ସବରେ ଅବ୍ୟବସ୍ଥା

ରାୟଗଡା, ୨୬।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ଓ ପଲ୍ଲିଶ୍ରୀ ମେଳା ଗୁରୁବାରଠାରୁ ଆରମ୍ଭ ହୋଇଛି । ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ପ୍ରଥମ ଦିନରେ ନାନା ଅବ୍ୟବସ୍ଥା ଦେଖାଦେଇଛି। ମହୋତ୍ସବ ଉଦ୍‌ଘାଟନୀ ଅବସରରେ ରାୟଗଡା ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିରରେ କଳସ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଅଣାଯାଇଥିଲା। ତେବେ ପୂଜା ପରେ ମଶାଲ ବାହାରିବା ପୂର୍ବରୁ କଳସ ବାହାରିବା ପରେ ସମନ୍ୱୟ ଅଭାବରୁ କଳସ ଧରିଥିବା ମହିଳାମାନେ ମଶାଲ ପୂର୍ବରୁ ଜଗନ୍ନାଥ ମନ୍ଦିର ନିକଟକୁ ଶୋଭାଯାତ୍ରାରେ ଆସିଯାଇଥିଲେ । ଏପରିକି କିଛି ମହିଳା କଳସ ଧରି ସମ୍ମୁଖରେ ଚାଲୁଥିବା ବେଳେ ଆଉ କେତେଜଣ ମହିଳା କଳସ ଧରି ବହୁ ପଛରେ ରହିଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ମଶାଲ ଧରି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପଛରେ ରହିଥିବା ଦେଖିବାକୁ ମିଳିଥିଲା । ଜିଲାପାଳ ପାରୁଲ ପଟୱାରି ଆଜ୍ଞାମାଳ ବାହାରିବା ପରେ କିଛି ସମୟ ପାଇଁ ମୁଣ୍ଡରେ କଳସ ଧରିଥିଲେ ହେଁ ପରବର୍ତ୍ତୀ ସମୟରେ ଶୋଭାଯାତ୍ରାରେ ଆଜ୍ଞାମାଳ ଓ କଳସ ଯାତ୍ରାରେ ଆସିବା ପରିବର୍ତ୍ତେ କାର୍‌ରେ ବସିଥିବା ଦେଖିବାକୁ ମିଳିଥିଲା । ସେହିଭଳି ସହରର ଗୁଣ୍ଡିଚା ଛକଠାରୁ ମୁଖ୍ୟ ବଜାର ଦେଇ ଶୋଭାଯାତ୍ରା ନିର୍ଦ୍ଧାରଣ ହୋଇଥିବା ବେଳେ ମୁଖ୍ୟ ବଜାର ରାସ୍ତାର ମଧ୍ୟଭାଗରେ ଦୁଇ ଚକିଆ ଓ ତିନିଚକିଆ ଗାଡି ଛିଡା ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଶୋଭାଯାତ୍ରା ଗୁଣ୍ଡିଚା ଛକ ନିକଟରେ ପହଞ୍ଚିବା ବେଳକୁ ପୋଲିସ ଗାଡି ହଟାଉଥିବା ଦେଖିବାକୁ ମିଳିଥିଲା । ସେହିଭଳି ପ୍ରଥମ ଦିନରେ ଜିସିଡି ପଡ଼ିଆଠାରେ ଆୟୋଜିତ ଚଇତି କାର୍ଯ୍ୟକ୍ରମରେ ଦର୍ଶକଙ୍କ ପାଇଁ ପଡ଼ିଥିବା ଚଉକି ମଧ୍ୟ ଖାଲିଥିବା ଦେଖିବାକୁ ମିଳିଛି।


ଚଇତି କାର୍ଯ୍ୟକ୍ରମରେ ଦର୍ଶକଙ୍କ ପାଇଁ ପଡ଼ିଥିବା ଚଉକି ଖାଲି ପଡ଼ିଛି।

# ଐତିହ୍ୟ ବଞ୍ଚାଇବା ଆମର କର୍ତ୍ତବ୍ୟ: ପଞ୍ଚାୟତିରାଜ ମନ୍ତ୍ରୀ

ରାୟଗଡ଼ା,୨୬।୧୨(ଆଶିଷ ରଞ୍ଜନ ପଣ୍ଡା)

- ଲୋକ ମହୋତ୍ସବ 'ଚଇତି' ଉଦ୍‌ଘାଟିତ
- ରାୟଗଡ଼ା ଜିଲା, ଧନୀ ମା'ର ଗରିବ ଛୁଆ : ଆପଲସ୍ୱାମୀ


ଚଇତି ମଞ୍ଚରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ବୋଧନ ଦେଉଛନ୍ତି।

ରାୟଗଡ଼ା ଜିଲା ଲୋକ ମହୋତ୍ସବ 'ଚଇତି' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜିସିଡି ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ କହିଥିଲେ, ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ମାଟିର ଐତିହ୍ୟ ବଞ୍ଚାଇବା ଆମର କର୍ତ୍ତବ୍ୟ। ଏହା ଏକ ଆଦିବାସୀ ଅଞ୍ଚଳ ହୋଇଥିବାରୁ ଏହାର ବିକାଶ କରାଯିବ। ଏଠାକାର ୩ ବିଧାୟକଙ୍କ ମଧ୍ୟ ଦାୟିତ୍ୱ ରହିଛି। ସମସ୍ତ ଆଦିବାସୀ ପିଲାମାନେ ପାଠ ପଢ଼ିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଆଦିମ ଜନଜାତି ଅଞ୍ଚଳକୁ ସଡକ ଯୋଗାଯୋଗ ହେବ। ପାନୀୟଜଳ ଯୋଗାଣ ଅଭାବ ଦୂରହେବ ବୋଲି ସୂଚନା ଦେଇଥିଲେ ମନ୍ତ୍ରୀ। ସମସ୍ତ ଭୂମିହୀନଙ୍କୁ ସରକାରୀ ଜମି ମାଗଣାରେ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ।

ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦାନ କରିଥିଲେ। ରାୟଗଡ଼ା ଜିଲାର ୩ ବିଧାୟକ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ମଞ୍ଚରେ ଉପସ୍ଥାପନ କରିଥିଲେ। ମୁଖ୍ୟତଃ ଶତାଧିକ ଗାଁ ପାଇଁ ରାସ୍ତା ନ ଥିବା କହିଥିଲେ। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ନିଜ ଅଭିଭାଷଣରେ, ରାୟଗଡ଼ା ଆଜି ବି ଧନୀ ମାଆର ଗରିବ ଛୁଆ ହୋଇ ରହିଛି। ତେଣୁ ଜିଲାର ବିକାଶ ଆବଶ୍ୟକ ରହିଛି ବୋଲି କହିଥିଲେ। ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଏସ୍‌ପି ସ୍ୱାତୀ ଏସ୍. କୁମାର, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲାଞ୍ଜିଆ ସଉରା ସମ୍ପ୍ରଦାୟର ନୃତ୍ୟ, ଡଙ୍ଗରିଆ କନ୍ଧ ନୃତ୍ୟ, କାଶୀପୁର ଢେମ୍‌ସା, ରାମନାଗୁଡା ମେରିଆ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ସନାତନୀ ବନ୍ଧୁମିଳନ କାର୍ଯ୍ୟକ୍ରମ

ଜୟପୁର,୨୬।୧୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ କପିଳେଶ୍ୱର ମନ୍ଦିର ହାତିଶାଳରେ ଏକ ସନାତନୀ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହକ ନିରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ହିନ୍ଦୁ ସମାଜ ପ୍ରାନ୍ତ ଧର୍ମ ଜାଗରଣ ପ୍ରଶାସନ ସମ୍ପର୍କ ପ୍ରମୁଖ ଜଳନ୍ଧର ତ୍ରିପାଠୀ ଓ କୁନ୍ଦୁଳି ଗୁରୁକୁଳ ଆଶ୍ରମ ହିନ୍ଦୁ ସମାଜ ପ୍ରମୁଖ ମନୁ ଦେବ ବାଗ୍ମୀ ଓ ଜୟପୁର ବିଶ୍ୱ ହିନ୍ଦୁ ପ୍ରମୁଖ ବାବୁଭାଇ ବଜରଙ୍ଗିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏଥିରେ ହିନ୍ଦୁ ସମାଜର ଲକ୍ଷ୍ୟ ଉଦ୍ଦେଶ୍ୟ, ୩ ବର୍ଷ ମଧ୍ୟରେ ହିନ୍ଦୁ ସମାଜର ସମସ୍ତ କାର୍ଯ୍ୟକ୍ରମ ଆଲୋକପାତ କରାଯାଇଥିଲା। ହିନ୍ଦୁ ସମାଜର ଯୁବଗୋଷ୍ଠୀର ନିଖିଲ ସାହୁ,ବରୁଣ ଜୈନ,ରାଜେଶ ପାତ୍ର,କେ. ସନ୍ତୋଷ, ଆର. କିରଣ, ମହେଶ,ସତିଶ ନନ୍ଦ, ସନ୍ତୋଷ ସାହୁ, ରଜନୀ ନାୟକ, ଲଳିତ ଅଗ୍ରୱାଲ, ଆରଏସ୍‌ଏସ୍‌ର ସୁବ୍ରତ ପଣ୍ଡା, ସତ୍ୟ ପାଢ଼ି, ଚନ୍ଦ୍ର ଶେଖର ଦାଲି ବ୍ରାହ୍ମଣ ସମାଜର ଉମ୍ବରୁଧର ପାଣିଗ୍ରାହୀ, ବିଭୁଦତ୍ତ ପାଢ଼ୀ, ଓ ଗୁଜୁରାତି ସମାଜର ଚନ୍ଦ୍ରେଶ ରାଥୋର୍ଡ, ଗାୟତ୍ରୀ ପ୍ରଜ୍ଞା ପୀଠ ଓ ଶକ୍ତି ପୀଠର ଅନୀଲ ଦାସ, ଗୋପାଳ ପାତ୍ର, ଗାୟତ୍ରୀ ପ୍ରଜ୍ଞା ପୀଠର ସମସ୍ତ କାର୍ଯ୍ୟକର୍ତ୍ତା, ହିନ୍ଦୁ ମହାସଂଘର ଅଭି ନାୟକ ଓ ଜଗନ୍ନାଥ ସେବା ସମିତିର ଭବାନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ

ମାଲକାନଗିରି,୨୬।୧୨(ଦୁର୍ଯ୍ୟୋଧନ ପାତ୍ର)

ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ମାଲକାନଗିରି ଜିଲା ପକ୍ଷରୁ ପାଳିତ ହୋଇଯାଇଛି। ସକାଳ ୧୦ ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣକରି ଲାଠିଆଗୁଡ଼ାସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏଥିରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳର ୨୮ ବର୍ଷର ଯାତ୍ରା ଉପରେ ଆଲୋକପାତ କରିଥିଲେ। ସଭାରେ ଉପସ୍ଥିତ ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ମଧ୍ୟ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ବିଜୁ ବାବୁଙ୍କ ନୀତି, ଆଦର୍ଶ ଏବଂ ପ୍ରଦର୍ଶିତ ପଥରେ ଗଢ଼ାହୋଇଥିବା ବିଜେଡି ନବୀନବାବୁଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ସୁରକ୍ଷାକବଚ ଭାବେ ଛିଡାହୋଇଛି। ଯିଏ ଏ ଉତ୍କଳମାଟିର ଗୌରବକୁ ବିଶ୍ୱ ଦରବାରରେ ପରିଚିତ କରିପାରିଛି । ଦୀର୍ଘ ୨୮ବର୍ଷର ଏହି ଯାତ୍ରା ଦେଖିଛି ଅନେକ ଉତ୍ଥାନ, ପତନ। କିନ୍ତୁ


ପ୍ରତିଷ୍ଠା ଦିବସ ଅବସରରେ ବିଜେଡି କର୍ମକର୍ତ୍ତାମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ଓଡ଼ିଶା ବିକାଶର ରଥ ଅଟକିନି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ରୂପାନ୍ତରଣ ମନ୍ତ୍ର ବଦଳାଇଦେଇଛି ସବୁ ବର୍ଗର ଲୋକଙ୍କ ଜୀବନ। ଏହି ଧାରା ଆହୁରି ଦୃଢ଼ ହେଉଛି, ଓଡ଼ିଶାର ହକ୍ ପାଇଁ ବିଜେଡି ନିଜର ସଂଗ୍ରାମ ଜାରି ରଖିଛି ବୋଲି ଉପସ୍ଥିତି ନେତୃମଣ୍ଡଳୀ କହିଥିଲେ। ଏ ମାଟିର ସମ୍ମାନ, ଏ ଜାତିର ସ୍ୱାଭିମାନ ଏବଂ ପ୍ରତି ଓଡ଼ିଆଙ୍କ ଅଭିମାନ ବିଜେଡି ନିଜର ମୂଳମନ୍ତ୍ର କରିଥିବା ବେଳେ ପ୍ରତିଷ୍ଠା ଦିବସରେ ସମସ୍ତେ ଏହାକୁ ନେଇ ସଙ୍କଳ୍ପବଦ୍ଧ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବରିଷ୍ଠ ବିଜେଡି ନେତା ତଥା ଜିଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ପଡିଆ ବ୍ଲକ୍ ଅଧ୍ୟକ୍ଷା ଯମୁନା ମୁଚାକି, ପୌର ଉପାଧ୍ୟକ୍ଷା କବିତା ମହନ୍ତ, ଜିଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲା ପରିଷଦ ସଭ୍ୟ ମୁକା ମାଡକାମୀ, ଜିଲା ଛାତ୍ର ସଭାପତି ତାପସ ନାୟକ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ପଣ୍ଡା, ଲମ୍ବୋଦର ଡୁରୁକ ପ୍ରମୁଖଙ୍କ ସହ ବିଜେଡିର ସମସ୍ତ ସକ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଲିମେଳା ସହରରେ ବିଏସ୍‌ଏନ୍‌ଏଲ୍‌ର ୪ଜି ସେବା ଆରମ୍ଭ

ବାଲିମେଳା,୨୬।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ବହୁଦିନର ପ୍ରତୀକ୍ଷା ପରେ ବିଏସ୍‌ଏନ୍‌ଏଲ୍‌ର ୪ଜି ସେବା ଆରମ୍ଭ ହୋଇଛି। ଦୀର୍ଘ ଦିନ ଧରି ଘରୋଇ କମ୍ପାନୀରେ ଅଧିକ ଶୁଳ୍କ ଦେଇ ବାଧହୋଇ ବ୍ୟବହାର କରୁଥିବା ଲୋକଙ୍କୁ ଆଶ୍ୱସ୍ତି ମିଳିଛି। କାରଣ ବର୍ତ୍ତମାନ ଏସ୍‌ଏସ୍‌ଏନ୍‌ଏଲ୍‌ର ୪ ଜି ସେବା ଆରମ୍ଭ ହୋଇଯାଇଛି। ଏହାଦ୍ୱାରା ବାଲିମେଳା ସହରବାସୀ ଉପକୃତ ହେବେ। କୋରାପୁଟ ବିଏସ୍‌ଏନ୍‌ଏଲ୍ ଏଜିଏମ୍ ତଥା (ସିଏମ୍‌ଟିଏସ୍) ମହେନ୍ଦ୍ର ମାଝୀଙ୍କ କହିବା ଅନୁଯାୟୀ ଏହାର ଶୁଳ୍କ ଘରୋଇ କମ୍ପାନୀଠାରୁ ବହୁ କମ୍ ଶୁଳ୍କ ଉପଭୋକ୍ତାମାନେ ତାଙ୍କର ପୂର୍ବ ସୀମକୁ ୪ଜି ପରିବର୍ତ୍ତନ କରିବାକୁ ପଡିବ। ଆଗାମୀ ଦିନରେ ଆଖପାଖ ଅଞ୍ଚଳରେ ମଧ୍ୟ ଏହି ସେବା ଅଳ୍ପ ଦିନ ମଧ୍ୟରେ ଯୋଗାଇଦିଆଯିବ।



# କରାଟେ ପ୍ରତିଯୋଗିତାରେ ସେମିଳିଗୁଡ଼ାରୁ ୩୮ କରାଟେକା



କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର।

ସୁନାବେଡା/ସେମିଳିଗୁଡା,୨୬।୧୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଡିସେମ୍ବର ୨୬ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୧୪ତମ ଅଲ୍ ଇଣ୍ଡିଆ ଓପେନ କାରାଟେ ଚାମ୍ପିଅନସିପ୍‌ରେ ସେମିଳିଗୁଡାର ୩୮ ଜଣ କରାଟେକା ଅଂଶ ଗ୍ରହଣ କରିବେ। କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ ଦ୍ୱାରା ଅନୁମୋଦିତ ପ୍ରତିଯୋଗିତା ଶୁକୋକାଇ କାରାଟେ ଡୋ ୟୁନିଅନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ହେବ। ସମଗ୍ର ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ପ୍ରାୟ ୯୦୦ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିଅନସିପ୍‌ରେ ସେମିଳିଗୁଡା କରାଟେ ସ୍କୁଲ୍‌ର ଅଭିଷେକ ପାଙ୍ଗି, ଆଦ୍ରିକା ସାସମଲ୍, ଆଇଶିକ ମଣ୍ଡଳ, ଅକାଂକ୍ଷା ମହାନ୍ତି, ଆକାଶ କୁମାର ସାହୁ, ଏଞ୍ଜେଲ ଅଭିଷିକ୍ତା ମିନିଆକା, ଅଙ୍କିତ କୁମାର ଖରା, ଅନୋଲ ସଦୁକା, ଅନ୍ୱେଶା ପାତ୍ର, ଆୟୁଷ ସାମଲ୍, ଆୟୁଷ ସତପଥୀ, ବିଦିସା ବେହେରା, ବିଦ୍ୟାଶ୍ରୀ ନିବେଦିତା, ଡାନିଏଲ ଜାନି, ଦେବାଂଶୀ ମହାନ୍ତି, ଦୀପ୍ତି ନାମଦେବ, ଦିବେସ ବରାଡ଼, ହର୍ସଦ କୁମାର, ଜଗଜୀତ ଦାଶ, କେ. ଭେଙ୍କଟ ସ୍ୱବିକ, କାର୍ତ୍ତିକ ଖରା, ଲତାସା ମଣ୍ଡଳ, ନନ୍ଦିନୀ ନାୟର୍, ଶୌମିକ ଚୌଧୁରୀ, ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ପ୍ରିୟାଂଶୁ ମହାରଣା, ରାକେଶ ଗୋଲାରୀ, ରୁଦ୍ରାଂଶ ସାମଲ୍, ସମ୍ରାଜୀତ ବେହେରା, ସମ୍ପୂର୍ଣ୍ଣା ଦାଶ, ସର୍ଗମ ଭତ୍ରା, ସିବାରପି ସ୍ୱାଇଁ, ଶ୍ରେୟାଂଶୀ ପଣ୍ଡା, ସୁବ୍ରଜୀତ ମହାନ୍ତି, ସୂର୍ଯ୍ୟାଶ ପଣ୍ଡା, ସୁଶିଲ ରାନ୍ଧି, ତପସ୍ୱିନୀ ନାୟକ, ତୃପ୍ତି ରାଣୀ ମହାନ୍ତି ପ୍ରମୁଖ ରହିଛନ୍ତି। ଏଥିପାଇଁ ସେମିଳିଗୁଡା ଉତ୍କଳ କାରାଟେ ସ୍କୁଲ କୋଚ୍ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ମଙ୍ଗଳ କାମନା କରିଛନ୍ତି।

# ଚୋରି ମାମଲାରେ ୨ ଗିରଫ

ଜୟପୁର,୨୬।୧୨(ପବନ ପାଣିଗ୍ରାହୀ)

ଚୋରି ମାମଲାରେ ଜୟପୁର ଟାଉନ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଓଡ଼ିଆ ମେଦ୍ରିସାହିର ବିଶାଳ ନାଗ ଓ ଆକାଶ ହିଆଲ। ଜୟପୁର ସହର ଗୋପବନ୍ଧୁ ନଗରରେ ଡିସେମ୍ବର ୧୧ରେ ଚୋରି ହୋଇଥିଲା। ଏ ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୨ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତଠାରୁ ମୋବାଇଲ, ସୁନା ଗହଣା, ରୁପା ଗହଣା, ନଗଦ ୪ ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ ଅପରାହ୍ନ ୪ଟାରେ ୩୦ ମିନିଟ ସମୟରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ବିଜେଡିର ପ୍ରତିଷ୍ଠା ଦିବସ

ଜୟପୁର, ୨୬।୧୨(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମ ନଗରସ୍ଥିତ ବିଜୁ ଭବନରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ଜୟନ୍ତି ପାଳନ କରାଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଅନୁପ ପାତ୍ର,ଜସପାଲ ସିଂ, ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ, ଅଜିତ ବେହେରା, ଦେବେନ୍ଦ୍ର ଚୌଧୁରୀ, ପାର୍ଥ ସାରଥି ମଲ୍ଲିକ, ସୁଶ୍ରୁମା ମହାପାତ୍ର, ଶିଳ୍ପା ପାଣି, ଶିବ ପଟ୍ଟନାୟକ, ବିନୋଦ ପାତ୍ର ଓ ବୁଲୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତୁଳସୀ ପୂଜନ ଦିବସ ପାଳିତ

ଜୟପୁର,୨୬।୧୨(ପବନ ପାଣିଗ୍ରାହୀ)

ଜୟପୁର ହନୁମାନ ବିହାର ଲାବଣ୍ୟ କୁଟୀରରେ ତୁଳସୀ ପୂଜନ ଦିବସ ପାଳିତ ହୋଇଯାଇଛି। ବନବାସୀ କଲ୍ୟାଣ ଆଶ୍ରମର ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ମହିଳା ଓ ପୁରୁଷମାନେ ତୁଳସୀ ପୂଜା କରିଥିଲେ। କୁନ୍ଦୁଳି ବୈଦିକ ଗୁରୁକୁଳାଶ୍ରମର ପୀଠାଧୀଶ ଆଚାର୍ଯ୍ୟ ମନୁଦେବଜୀ ତୁଳସୀର ପୌରାଣିକ ଓ ବୈଜ୍ଞାନିକ ମହତ୍ତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ଗୋଟିଏ ପରିବାର, ଗୋଟିଏ ତୁଳସୀ ଚାରାକୁ ରୋପଣକଲେ ଏ ପୃଥିବୀ ପରିବେଶ ସନ୍ତୁଳିତ ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପ ପ୍ରସାର ସମିତି ତଥା ଧର୍ମ ପ୍ରସାର ସମିତିର ପ୍ରାନ୍ତ ପ୍ରଭାରୀ ଡ.ଜଳେନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ହିନ୍ଦୁଧର୍ମ,ସଂସ୍କୃତି ଓ ପରମ୍ପରା ବଞ୍ଚିଲେ ହିଁ ଏ ସୃଷ୍ଟି ବଞ୍ଚିବ ବୋଲି କହିଥିଲେ। ଏଥିରେ ସୀମାଞ୍ଚଳ ମହାନ୍ତି,ଏଲ୍ ଭି. ରାବଣା,ଆଶୁତୋଷ ପଣ୍ଡା, ସବିତା ପାଣିଗ୍ରାହୀ, କୈଳାସ ପୃଷ୍ଟି,ଅଶ୍ୱିନ୍ କୁମାର ରଥ,ଉତ୍କଳ କୁମାର ପଣ୍ଡା,ସୁସ୍ମିତା ରଥ ଓ ପୁଷ୍ପଲତା ରଥ ପ୍ରମୁଖ ଉପସ୍ଥିତ ଥିଲେ।


ଲାବଣ୍ୟ କୁଟୀରରେ ତୁଳସୀ ପୂଜା କରାଯାଉଛି।

# ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ଶୀତବସ୍ତ୍ର ବଣ୍ଟନ

କୋରୁକୋଣ୍ଡା, ୨୬।୧୨(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ଓ ବାଲିମେଳା ସହରରେ ଥିବା ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ସମ୍ପାଦକ ମହେନ୍ଦ୍ର ନାଥ ରାୟ, କୋଷାଧ୍ୟକ୍ଷ ରତିକାନ୍ତ ମହନ୍ତ, ସକ୍ରିୟସଭ୍ୟ ବିଜୟ କୁମାର ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ପ୍ରାନ୍ତସେବା ପ୍ରମୁଖ ରବୀନ୍ଦ୍ରନାଥ ରାୟ, ସଂଘ ବ୍ୟବସ୍ଥା ପ୍ରମୁଖ ଜିତେନ୍ଦ୍ର କୁମାର ପାଇକରାୟ ଓ କମୁଲୁ ପୂଜାରୀ ପ୍ରମୁଖ କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧୀନ କନ୍ଧଗୁଡ଼ା ଗ୍ରାମରେ ବସବାସ କରୁଥିବା ବୃଦ୍ଧାବୃଦ୍ଧଙ୍କ ସମେତ ପିଲାମାନଙ୍କୁ ମିଶାଇ ମୋଟ ୩୬ଜଣଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ଓ ସ୍ୱେଟର ବଣ୍ଟନ କରାଯାଇଛି। ସେହିପରି ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ବାଲିମେଳାର ଏହି କର୍ମକର୍ତ୍ତା ଓ ସଦସ୍ୟମାନେ ବିଚ୍ଛିନ୍ନାଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ୍ ପଣସପୁଟ ପଞ୍ଚାୟତ ସିଦ୍ଧିପୁଟ ଓ ମୁକୁଡିପାଲ୍ଲୀ ଗ୍ରାମରେ ପହଞ୍ଚି ଉପରୋକ୍ତ ଦୁଇଟି ଗ୍ରାମରେ ବସବାସ କରୁଥିବା ଗରିବ ଶ୍ରେଣୀର ବୃଦ୍ଧା ବୃଦ୍ଧଙ୍କ ସହ ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ କମ୍ବଳ ଓ ସ୍ୱେଟର ତଥା ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାବଲମ୍ବୀ ଓ ପାଇଁ ଏହି ସ୍ୱେଚ୍ଛାସେବୀ ସମିତି ସର୍ବଦା କାମ କରିଆସୁଛି। ଏଥିସହ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର ଭଳି କାର୍ଯ୍ୟକ୍ରମ ଅଧିକାଂଶ ଅଞ୍ଚଳରେ କରାଯାଉଥିବା ସଂଘ ପ୍ରାନ୍ତ ପ୍ରମୁଖ ରବୀନ୍ଦ୍ରନାଥ ରାୟ ସୂଚନା ଦେଇଛନ୍ତି।



ଶୀତବସ୍ତ୍ର ବଣ୍ଟନ କରାଯାଉଛି ।

# ୟୁପିରେ ସମ୍ମାନିତ ହେଲେ କୋରାପୁଟର ଭାଗୀରଥି

କୋରାପୁଟ,୨୬।୧୨(ଅମିତାଭ ବେହେରା)

ଉତ୍ତର ପ୍ରଦେଶ(ୟୁପି)ର ଗାଜିଆବାଦରେ ଶିବ ଶଙ୍କର ଜ୍ୟୋତିଷ ଶାସ୍ତ୍ର ଏବଂ ବାସ୍ତୁ ଅନୁସନ୍ଧାନ କେନ୍ଦ୍ର ଅଧୀନରେ ଚାଲିଥିବା ୨ ଦିନିଆ ଜାତୀୟ ଜ୍ୟୋତିଷ ଶାସ୍ତ୍ର ଏବଂ ବାସ୍ତୁ ସେମିନାରରେ କୋରାପୁଟର ଆଚାର୍ଯ୍ୟ ଭାଗୀରଥି ବିନ୍ଧାଣି ସମ୍ମାନିତ ହୋଇଛନ୍ତି। ଏଥିରେ ଭାରତରୁ ୫୫୦ ବାସ୍ତୁ ଓ ଜ୍ୟୋତିର୍ବିଦ ଯୋଗଦେଇଥିବା ବେଳେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସହରର କନ୍ହେଇପୁଟ ସାହିର ବିଶିଷ୍ଟ ବାସ୍ତୁ ଓ ଜ୍ୟୋତିର୍ବିଦ ଭାଗୀରଥି ଯୋଗଦେଇ ନାଡ଼ି ଓ ପଞ୍ଚତତ୍ତ୍ୱ, ବାସ୍ତୁ ଓ ଜ୍ୟୋତିଷ ଉପରେ ମତ ରଖି ଉଚ୍ଚ ପ୍ରଶଂସିତ ହୋଇ ଆଚାର୍ଯ୍ୟ ପଦବୀରେ ସମ୍ମାନିତ ହୋଇଛନ୍ତି। ଉକ୍ତ ସେମିନାରରେ ବ୍ରଜ ମଣ୍ଡଳ ଜୀବନ ଦର୍ଶନ ନାମକ ଏକ ପୁସ୍ତକ ତାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ସେମିନାରରେ ପ୍ରସିଦ୍ଧ ଜ୍ୟୋତିଷ ଶାସ୍ତ୍ର ବିଶାରଦମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଧ୍ୟକ୍ଷତା କରିଥିଲେ ସାମାଜିକ କର୍ମୀ ରାଜେଶ ବନସାଲ। ସ୍ୱତନ୍ତ୍ର ଅତିଥି ବର୍ଗରେ ରାମ ଅବତାର ଜିନ୍ଦଲ, ଅନିଲ ଗର୍ଗ, ପଣ୍ଡିତ ଭି.କେ. ହନୁମାନ, ରାଷ୍ଟ୍ରୀୟ ଲୋକ ଦଳ ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ଚୌହାନ, ଜାତୀୟ ମୁଖପାତ୍ର ଇନ୍ଦରଜିତ ସିଂ ଟିଟୁ ସନ୍ଦୀପ ଭଣ୍ଡାରୀ, ରାକେଶ ଗର୍ଗ,

### ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ସେମିନାର

ବ୍ରିଜକିଶୋର ବ୍ରିଜବାସୀ, ଦୁଲୀଦତ କୌଶିକ, ଦୀନେଶତ ଶର୍ମା, ଯୋଗେଶ ଶର୍ମା, ରାମ କାଶ୍ୟପ, ଶ୍ରାବଣ କୁମାର ଶର୍ମା, ଅଙ୍କିତ ଶର୍ମା, ପ୍ରିୟଙ୍କା ଶର୍ମା ମାନକ ବୈଷ୍ଣବ ଇତ୍ୟାଦି ସମ୍ମାନିତ ବ୍ୟକ୍ତି ଥିଲେ।



ସେମିନାରରେ ଭାଗୀରଥିଙ୍କୁ ସମ୍ମାନିତ କରାଯାଉଛି।

# ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ


ମୃତକଙ୍କ ପରିବାର ମୃତଦେହ ରଖି ରାସ୍ତା ଅବରୋଧ କରୁଛନ୍ତି।

ବୈପାରୀଗୁଡା, ୨୬।୧୨(କଳ୍ପତରୁ ମହାନ୍ତି)

ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ପରେ କ୍ଷତିପୂରଣ ଦାବିରେ ସମ୍ପର୍କୀୟମାନେ ୩୨୬ ନଂ ଜାତୀୟ ରାଜପଥ ବୈପାରୀଗୁଡା ଛକରେ ରାସ୍ତାରୋକୋ କରିଛନ୍ତି। ଦୀର୍ଘସମୟ ଧରି ଛକ ଉପରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଜୟପୁର-ମାଲକାନାଗିରି ରାସ୍ତାରେ ଯାତାୟତ ଠପ୍ ହୋଇଥିଲା। ଥାନା ଅଧିକାରୀ ଓ ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣା କରିଥିବା କାର୍ ମାଲିକ କ୍ଷତିପୂରଣ ଦେବା ପରେ ରାସ୍ତାରୋକୋ ଉଠିଥିଲା। ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ ବୈପାରୀଗୁଡା-ମାଲକାନାଗିରି ରାସ୍ତା ଡାଲଖାଇ ନିକଟରେ ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବୈପାରୀଗୁଡା ଥାନା ଅନ୍ତର୍ଗତ ଅମଳା ଭଟ୍ଟା ଗ୍ରାମର ଗୌତମ ମାଝି ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା।

# ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ଶୋଭାଯାତ୍ରା

କୋରାପୁଟ,୨୬।୧୨(ଅମିତାଭ ବେହେରା)

ରାଜ୍ୟସଭାରେ ବି.ଆର ଆମ୍ବେଡକରଙ୍କୁ ନେଇ ତାଚ୍ଛଲ୍ୟକର ବୟାନ ଦେବା ଅଭିଯୋଗରେ ଜିଲା କଂଗ୍ରେସ ପକ୍ଷରୁ କୋରାପୁଟରେ ଶୋଭାଯାତ୍ରା କରାଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରାଯାଇଛି। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲାପାଳଙ୍କ ଜରିଆରେ ଗୁରୁବାର ପ୍ରଦାନ କରାଯାଇଛି। କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ


ଶୋଭାଯାତ୍ରାରେ ସାମିଲ ହୋଇଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ।

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାହିନୀପତି, କଂଗ୍ରେସ ଯୁବନେତା ରୁପକ କୁମାର ଡୁରୁକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଜଗଦୀଶ ଖୋସ୍ଲାଙ୍କ ସହ ବହୁ ନେତା ଓ କର୍ମୀ ସ୍ଥାନୀୟ ଆମ୍ବେଡକର ପାର୍କରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆମ୍ବେଡକରଙ୍କ ପ୍ରତି ଅସମ୍ମାନ କରିଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିବା ସହ ତାଙ୍କୁ ବହିଷ୍କାର କରିବାକୁ ଦାବି କରାଯାଇଛି। କଂଗ୍ରେସ ନେତା ଓ କର୍ମୀ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କୁଶପୁତଳିକାକୁ ଦାହ କରାଯାଇଛି। କଂଗ୍ରେସର ଏହି କାର୍ଯ୍ୟକ୍ରମରେ ଜିଲା ବିଭିନ୍ନ ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଶୋଷଣର ଶିକାର ହେଉଛନ୍ତି ପର୍ଯ୍ୟଟକ

ସୁନାବେଡ଼ା ୨୬।୧୨ (କୃତ୍ତିବାସ ପ୍ରଧାନ)

ପର୍ଯ୍ୟଟନର ଋତୁ ଚାଲିଛି। ଶୀତଦିନ ଆରମ୍ଭରୁ ହିଁ ଲୋକେ ବିଭିନ୍ନ ସ୍ଥାନ ବୁଲି ଯିବାକୁ ମନସ୍ଥ କରିଥାନ୍ତି। ସେଥିପାଇଁ ଆଗୁଆ ପର୍ଯ୍ୟଟନସ୍ଥଳୀ କିମ୍ବା ନିକଟରେ ଥିବା ହୋଟେଲ ବୁକିଂ କରନ୍ତି। ହେଲେ କେତେଜଣ ପର୍ଯ୍ୟଟକ ଠକାମି ତଥା ଶୋଷଣର ଶିକାର ହେଉଥିବା ଅଭିଯୋଗ କରନ୍ତି। କୋରାପୁଟ ଜିଲାକୁ ସରକାର ପର୍ଯ୍ୟଟନସ୍ଥଳର ମାନ୍ୟତା ଦେଇଛନ୍ତି। ହେଲେ ପର୍ଯ୍ୟଟକଙ୍କ ସୁବିଧା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୁଏ। କେତେ ବର୍ଷ ହେବ କୋରାପୁଟ ଜିଲାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। କିନ୍ତୁ ଏଠାରେ ସରକାରୀ

### ବିଭିନ୍ନ ହୋଟେଲରେ ଭଡ଼ା ବୃଦ୍ଧି

ବା ପର୍ଯ୍ୟଟନ ବିଭାଗର ରାତ୍ରି ରହଣିସ୍ଥଳ ନ ଥିବାରୁ ଶୋଷଣ ତଥା ଠକାମିର ଶିକାର ହେଉଛନ୍ତି। ଏପରି ସ୍ଥଳେ କେତେଜଣ ହୋଟେଲ ମାଲିକ ଭଡ଼ାକୁ ୨ଗୁଣାକରି ଶୋଷୁଛନ୍ତି। ଏପରିକି ଖାଦ୍ୟପେୟର ଦର ମଧ୍ୟ ଅଧିକ କରି ଦେଉଥିବା ଅଭିଯୋଗ ମଧ୍ୟ ହେଉଛି। ଯଦି ସରକାର କିମ୍ବା ପର୍ଯ୍ୟଟନ ବିଭାଗ ଏଥପ୍ରତି ଧ୍ୟାନ ଦେଇ ସାଧାରଣ ପର୍ଯ୍ୟଟକଙ୍କ ଲାଗି ସ୍ୱଳ୍ପ ମୂଲ୍ୟଯୁକ୍ତ ରାତ୍ରିଯାପନ ବ୍ୟବସ୍ଥା କରନ୍ତେ ତେବେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଘଟନ୍ତା ।

ଅନ୍ୟପଟେ ଏଠାରେ ଥିବା ଛୋଟ ହୋଟେଲ ବ୍ୟବସାୟୀଙ୍କୁ ସରକାର,ପର୍ଯ୍ୟଟନ ବିଭାଗ କିମ୍ବା ବ୍ୟାଙ୍କ୍ ପକ୍ଷରୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ସେମାନଙ୍କ କହିବା ମୁତାବକ ଏଠାକାର ପର୍ଯ୍ୟଟନସ୍ଥଳୀଗୁଡିକ ନିକଟରେ ଥିବା ନିଜ ନିଜ ଜାଗାରେ କଟେଜ୍ ନିର୍ମାଣକରି ସେଗୁଡିକୁ ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ କରିବାକୁ ଚାହୁଁଥିଲେ ବି ଅର୍ଥ ବାଧକ ସାଜୁଛି। ଏପରିକି କେତେଜଣ ମାଲିକ ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ଲାଗି ରାତ୍ରି ଯାପନ ସ୍ଥଳ ନିର୍ମାଣ କରୁଥିବା ଓ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଋଣ ମିଳୁ ନ ଥିବାରୁ ସେଗୁଡ଼ିକ ଅଧାପନ୍ତରିଆ ହୋଇ ପଡି ରହିଥିବା ଦେଖିବାକୁ ମିଳୁଛି ।

ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି, ଯଦି ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହ ଜିଲା ତଥା ପର୍ଯ୍ୟଟନସ୍ଥଳୀର ଉନ୍ନତି ହୋଇପାରନ୍ତା। ଏ ନେଇ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରୁ ପର୍ଯ୍ୟଟକ ହେଉଛନ୍ତି କୋରାପୁଟ ଜିଲା ପାଇଁ ଗୌରବ। ଯେତେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସିବେ, ଜିଲା ତଥା ଏଠାକାର ଲୋକଙ୍କ ରୋଜଗାର ବଢ଼ିବ। କିନ୍ତୁ ସେମାନଙ୍କ ରହଣି ବ୍ୟବସ୍ଥା ସମସ୍ୟା ସୃଷ୍ଟି କରୁଛି । ସରକାର କିମ୍ବା ଜିଲା ପ୍ରଶାସନ ପକ୍ଷରୁ ସେମିତି କିଛି ବ୍ୟବସ୍ଥା ନ ଥିବା ସେ କହିଛନ୍ତି। ହେଲେ ଶୀଘ୍ର ପର୍ଯ୍ୟଟନ ବିଭାଗର ନୂଆ ନିୟମ ପ୍ରଣୟନ ହେବାକୁ ଥିବା ଓ ଏହା ଆସିଲେ ହୋଟେଲ ବ୍ୟବସାୟ ଉନ୍ନତ ହେବ। ନୂଆ ହୋଟେଲ ନିର୍ମାଣ କରିବାକୁ ଚାହୁଁଥିବା ବ୍ୟକ୍ତି ଏହି ନିୟମର ଲାଭ ଉଠାଇପାରିବେ ବୋଲି ସେ କହିଛନ୍ତି। ତା'ଛଡ଼ା ଯଦି କୌଣସି ହୋଟେଲ ମାଲିକ ଭଡ଼ା ବୃଦ୍ଧି କରୁଥାନ୍ତି ତେବେ ଖାଉଟି ବିଭାଗକୁ ଏନେଇ ଅବଗତ କରାଯିବ ବୋଲି ସୂଚନା ଦେଇଛନ୍ତି ।

